# ସଂସ୍କୃତ ବ୍ୟାକରଣ ପ୍ରଦୀପଃ

## ନବମ ଶ୍ରେଣୀ

ଓଡ଼ିଆପୋର୍ଟାଲ.ଇନ୍‌ଙ୍କର
ପାଠାଗାର
Pathagara.OdiaPortal.IN

ଶବ୍ଦରୂପମ୍
ଧାତୁରୂପମ୍
ସନ୍ଧିଃ
ବିଭକ୍ତିଃ
ବର୍ଣ୍ଣଃ

ତମସୋ ମା ଜ୍ୟୋତିର୍ଗମୟ

ପ୍ରକାଶିକା
ମାଧ୍ୟମିକଶିକ୍ଷାପରିଷଦ୍, ଓଡ଼ିଶା

# ସଂସ୍କୃତବ୍ୟାକରଣପ୍ରଦୀପଃ

## ନବମଶ୍ରେଣୀନିମିତ୍ତମ୍

ପ୍ରକାଶିକା

ମାଧ୍ୟମିକଶିକ୍ଷାପରିଷଦ୍, ଓଡ଼ିଶା

**ସଂସ୍କୃତ ବ୍ୟାକରଣ ପ୍ରଦୀପଃ**

ନବମ ଶ୍ରେଣୀ ପରୀକ୍ଷା ପାଇଁ

ମାଧ୍ୟମିକ ଶିକ୍ଷା ପରିଷଦ୍ ଦ୍ୱାରା ଅନୁମୋଦିତ ଓ ପ୍ରକାଶିତ

(ମାଧ୍ୟମିକ ଶିକ୍ଷାପରିଷଦ୍, ଓଡ଼ିଶା)

**ଲେଖକ ମଣ୍ଡଳୀ :**

ସମୀକ୍ଷକ : **ପ୍ରଫେସର ଗୋପାଳକୃଷ୍ଣ ଦାଶ**

ଲେଖକ ଓ ସଂକଳକ : **ଡକ୍ଟର ନାରାୟଣ ପ୍ରସାଦ ଦାଶ**
**ଡକ୍ଟର ପ୍ରତାପ ଚନ୍ଦ୍ର ତ୍ରିପାଠୀ**
**ଡକ୍ଟର ରବୀନ୍ଦ୍ରନାଥ ଆଚାର୍ଯ୍ୟ**
**ଡକ୍ଟର କାଳୀପ୍ରସନ୍ନ ଶତପଥୀ**

ସଂଯୋଜକ : **ଶ୍ରୀ ନୃସିଂହ ଚରଣ ପଣ୍ଡା**

ଅକ୍ଷର ସଂଯୋଜନା : **ବାଣୀ ପ୍ରେସ୍**
**ତୁଳସୀପୁର, କଟକ - ୮**

ପ୍ରଥମ ପ୍ରକାଶନ - ୨୦୧୨/୨,୦୦,୦୦୦
୨୦୧୫ / ୫୦,୦୦୦
୨୦୧୬ / ୧,୦୦,୦୦୦ / ୫୦,୦୦୦ / ୧,୫୦.୦୦୦

ମୁଦ୍ରଣ : ଏକାମ୍ର ପ୍ରେସ୍, ଭୁବନେଶ୍ୱର
ଶ୍ରୀ ଲିଙ୍ଗରାଜ ଅଫ୍‌ସେଟ୍, ଭୁବନେଶ୍ୱର

ମୂଲ୍ୟ : **୪୪.୦୦ (ଚଉରାଳିଶି ଟଙ୍କା ମାତ୍ର)**

# ମୁଖବନ୍ଧ

ରାଷ୍ଟ୍ରିୟ ପାଠ୍ୟଚର୍ଯ୍ୟା ରୂପରେଖା (NCF - 2005) ଅନୁସରଣରେ ରାଜ୍ୟ ପାଠ୍ୟଚର୍ଯ୍ୟା ରୂପରେଖା (SCF - 2007) ପରିକଳ୍ପିତ ହୋଇଛି । ପାଠ୍ୟ ବିଷୟବସ୍ତୁ ଛାତ୍ରାଭିମୁଖୀ ହେବା ସଙ୍ଗେ ସଙ୍ଗେ ପୁରୁଣା 'ଘୋଷବନ୍ତ ବଳବନ୍ତ' ରୀତିକୁ ବାଦ୍ ଦିଆଯାଇ ଅଭ୍ୟାସମୂଳକ ତଥା ପ୍ରୟୋଗାତ୍ମକ ପାଠ୍ୟକ୍ରମ ପ୍ରସ୍ତୁତ ହେଲେ ମାନବ ସମ୍ବଳର ସଦୁପଯୋଗ ହୋଇପାରିବ । ବିଶ୍ୱର ଏକ ପ୍ରାଚୀନତମ ବିଜ୍ଞାନସମ୍ମତ ସମୃଦ୍ଧଭାଷା ଭାବରେ ସଂସ୍କୃତଭାଷାର ମହତ୍ତ୍ୱ ସୁବିଦିତ । ଭାରତର ସମ୍ବିଧାନ ସଂସ୍କୃତକୁ ଶାସ୍ତ୍ରୀୟ ଏବଂ ଆଧୁନିକ ଭାରତୀୟ ଭାଷା ରୂପେ ସ୍ୱୀକୃତି ପ୍ରଦାନ କରିଛି । ଭାରତୀୟ ଜନଜୀବନ, ଜ୍ଞାନବିଜ୍ଞାନ, ସଂସ୍କୃତି, ଜାତୀୟ ସଂହତି, ରାଜନୀତି, ଇତିହାସ, ଭୂଗୋଳ ତଥା ଚିକିତ୍ସା ପ୍ରଭୃତି କ୍ଷେତ୍ରରେ ସଂସ୍କୃତ ଭାଷାରେ ଲିଖିତ ବେଦ ଉପନିଷଦ୍ କାବ୍ୟ ଶାସ୍ତ୍ରପୁରାଣ ଓ ନୀତିଶ୍ଳୋକାବଳୀର ସାର୍ବକାଳିକ ଅନୁଶୀଳନ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ସ୍ଥାନ ଅଧିକାର କରିଛି । ସଂସ୍କୃତଭାଷା ବ୍ୟାକରଣଶାସ୍ତ୍ରର ବୈଜ୍ଞାନିକନିୟମାବଳୀରେ ଶୃଙ୍ଖଳିତ ହୋଇଥିବାରୁ ଏହା ସ୍ୱାଭାବିକ ପରିଷ୍କୃତ ବା ମାର୍ଜିତଭାଷା ଭାବରେ ବିଶ୍ୱର ଭାଷା ବିଜ୍ଞାନୀ ଓ ଗବେଷକମାନଙ୍କ ଦ୍ୱାରା ପ୍ରଶଂସିତ ହୋଇଅଛି । ରାଜ୍ୟ ପାଠ୍ୟଚର୍ଯ୍ୟାରେ ସଂସ୍କୃତକୁ ଉଚ୍ଚପ୍ରାଥମିକ ଓ ମାଧ୍ୟମିକ ସ୍ତରରେ ତୃତୀୟଭାଷା ରୂପେ ପାଠ୍ୟକ୍ରମରେ ଅନ୍ତର୍ଭୁକ୍ତ କରାଯାଇଛି । ବିଦ୍ୟାର୍ଥୀମାନଙ୍କର ସଂସ୍କୃତଶିକ୍ଷାକୁ ସହଜ ଓ ସୁଗମ କରିବା ପାଇଁ ବ୍ୟାକରଣଜ୍ଞାନ ଏକାନ୍ତ ଆବଶ୍ୟକ । ମାଧ୍ୟମିକସ୍ତରର ଛାତ୍ରଛାତ୍ରୀଙ୍କ ମନସ୍ତତ୍ତ୍ୱକୁ ଆଧାରକରି ନବମଶ୍ରେଣୀପାଇଁ ନୂତନ ଭାବରେ ଏକ ଅଭ୍ୟାସମୂଳକ ପ୍ରୟୋଗାତ୍ମକ ସ୍ୱତନ୍ତ୍ର ସଂସ୍କୃତବ୍ୟାକରଣପାଠ୍ୟପୁସ୍ତକ ପ୍ରଣୟନ କରାଯାଇଛି ।

ଏହି ବ୍ୟାକରଣପୁସ୍ତକ ଭାଷାର ନିୟାମକ ନ ହୋଇ ଭାଷାର ସାବଲୀଳ ଯୁଗୋପଯୋଗୀ ପ୍ରବାହକୁ ଛାତ୍ରଛାତ୍ରୀ ଏବଂ ଶିକ୍ଷକଶିକ୍ଷିକାଙ୍କ ମାଧ୍ୟମରେ ସମାଜରେ ଲୋକପ୍ରିୟ କରାଇପାରିଲେ ବ୍ୟାକରଣଶିକ୍ଷାର ମୌଳିକଲକ୍ଷ୍ୟ ସଫଳ ହେବ । 'ସଂସ୍କୃତବ୍ୟାକରଣପ୍ରଦୀପଃ' ପୁସ୍ତକର ପ୍ରଣୟନ ଓ ପ୍ରକାଶନ କାର୍ଯ୍ୟରେ ସମ୍ପୃକ୍ତ ସମସ୍ତ ବିଦ୍ୱାନ୍ ଲେଖକମଣ୍ଡଳୀ ସଂଯୋଜକ ଏବଂ ମୁଦ୍ରଣାଳୟ କର୍ତ୍ତୃପକ୍ଷଙ୍କୁ ଓଡ଼ିଶା ମାଧ୍ୟମିକ ଶିକ୍ଷା ପରିଷଦ ପକ୍ଷରୁ ହାର୍ଦ୍ଦିକ କୃତଜ୍ଞତା ଓ ସାଧୁବାଦ ଜଣାଉଛି ।

**ସଭାପତି**

ମାଧ୍ୟମିକଶିକ୍ଷାପରିଷଦ୍, ଓଡ଼ିଶା

## ଅନୁକ୍ରମଣିକା


| କ୍ରମାଙ୍କ | ବିଷୟ | ପୃଷ୍ଠାଙ୍କ |
|---|---|---|
| ୧। | ବର୍ଣ୍ଣ | ୧ |
| ୨। | ପାରିଭାଷିକଶବ୍ଦ | ୬ |
| ୩। | ପଦ ପ୍ରକରଣ | ୯ |
| ୪। | ଲିଙ୍ଗ, ବଚନ ଓ ପୁରୁଷ ପ୍ରକରଣ | ୧୪ |
| ୫। | ଣତ୍ୱବିଧି | ୧୬ |
| ୬। | ଷତ୍ୱବିଧି | ୧୯ |
| ୭। | ସନ୍ଧିପ୍ରକରଣ | ୧୯ |
| ୮। | ଶବ୍ଦରୂପ | ୪୧ |
| ୯। | ଧାତୁପ୍ରକରଣ | ୮୦ |
| ୧୦। | କାରକ ଓ ବିଭକ୍ତି | ୧୨୧ |


-------

# ଭାରତର ସମ୍ବିଧାନ

**ପ୍ରାକ୍ କଥନ :**

ଆମେ ଭାରତବାସୀ ଭାରତକୁ ଏକ ସାର୍ବଭୌମ, ସମାଜବାଦୀ, ଧର୍ମ ନିରପେକ୍ଷ, ଗଣତାନ୍ତ୍ରିକ ସାଧାରଣତନ୍ତ୍ର ରୂପେ ଗଠନ କରିବା ପାଇଁ ଦୃଢ଼ ସଂକଳ୍ପ ନେଇ ଓ ଏହାର ସମସ୍ତ ନାଗରିକଙ୍କୁ

- ସାମାଜିକ, ଅର୍ଥନୈତିକ ଓ ରାଜନୈତିକ ନ୍ୟାୟ :
- ଚିନ୍ତା, ଅଭିବ୍ୟକ୍ତି, ପ୍ରତ୍ୟୟ, ଧର୍ମୀୟ ବିଶ୍ୱାସ ଏବଂ ଉପାସନାର ସ୍ୱତନ୍ତ୍ରତା :
- ସ୍ଥିତି ଓ ସୁବିଧା ସୁଯୋଗର ସମାନତାର ସୁରକ୍ଷା ପ୍ରଦାନ କରିବାକୁ ତଥା
- ବ୍ୟକ୍ତି ମର୍ଯ୍ୟାଦା ଏବଂ ରାଷ୍ଟ୍ରର ଐକ୍ୟ ଓ ସଂହତି ନିଶ୍ଚିତ କରି ସେମାନଙ୍କ ମଧ୍ୟରେ ଭ୍ରାତୃଭାବ ଉତ୍ସାହିତ କରିବାକୁ

ଏହି ୧୯୪୯ ମସିହା ନଭେମ୍ବର ୨୬ ତାରିଖ ଦିନ

ଆମର ସମ୍ବିଧାନ ପ୍ରଣୟନ ସଭାରେ ଏତଦ୍ଦ୍ୱାରା

ଏହି ସମ୍ବିଧାନକୁ ଗ୍ରହଣ ଓ ପ୍ରଣୟନ କରୁଅଛୁ ଏବଂ ଆମ ନିଜକୁ ଅର୍ପଣ କରୁଅଛୁ ।

## ଚତୁର୍ଥ ଅଧ୍ୟାୟ (କ)
## ୫୧(କ) ଧାରା : ମୌଳିକ କର୍ତ୍ତବ୍ୟ

**ଭାରତର ପ୍ରତ୍ୟେକ ନାଗରିକଙ୍କର କର୍ତ୍ତବ୍ୟ :-**

୧ । ସମ୍ବିଧାନକୁ ମାନି ଚଳିବା ଓ ଏହାର ଆଦର୍ଶ ଓ ଅନୁଷ୍ଠାନମାନଙ୍କୁ ଏବଂ ଜାତୀୟ ପତାକା ଓ ଜାତୀୟ ସଙ୍ଗୀତକୁ ସମ୍ମାନ ପ୍ରଦର୍ଶନ କରିବା;

୨ । ଯେଉଁସବୁ ମହନୀୟ ଆଦର୍ଶ ଆମ ଜାତୀୟ ସ୍ୱାଧୀନତା ସଂଗ୍ରାମକୁ ଅନୁପ୍ରାଣିତ କରିଥିଲା, ତାହାକୁ ସ୍ମରଣ ଓ ଅନୁସରଣ କରିବା;

୩ । ଭାରତର ସାର୍ବଭୌମତ୍ୱ, ଏକତା ଓ ସଂହତି ବଜାୟ ଏବଂ ସୁରକ୍ଷିତ ରଖିବା;

୪ । ଦେଶର ପ୍ରତିରକ୍ଷା କରିବା ଓ ଆବଶ୍ୟକସ୍ଥଳେ ଜାତୀୟ ସେବା ପ୍ରଦାନ କରିବା;

୫ । ଧର୍ମଗତ, ଭାଷାଗତ ଏବଂ ଆଞ୍ଚଳିକ କିମ୍ବା ଗୋଷ୍ଠୀଗତ ବିଭିନ୍ନତାକୁ ଅତିକ୍ରମ କରି ଭାରତର ଜନସାଧାରଣଙ୍କ ମଧ୍ୟରେ ଐକ୍ୟ ଓ ଭ୍ରାତୃଭାବ ପ୍ରତିଷ୍ଠା କରିବା ଏବଂ ନାରୀଜାତିର ମର୍ଯ୍ୟାଦାହାନୀସୂଚକ ବ୍ୟବହାର ପରିତ୍ୟାଗ କରିବା;

୬ । ଆମର ସଂସ୍କୃତିର ମୂଲ୍ୟବାନ ଐତିହ୍ୟକୁ ସମ୍ମାନ ପ୍ରଦର୍ଶନ ଓ ସଂରକ୍ଷଣ କରିବା;

୭ । ଅରଣ୍ୟ, ହ୍ରଦ, ନଦୀ, ବନ୍ୟପ୍ରାଣୀ ସମେତ ପ୍ରାକୃତିକ ପରିବେଶର ସୁରକ୍ଷା ଓ ଉନ୍ନତି କରିବା ଏବଂ ଜୀବଜଗତ ପ୍ରତି ଅନୁକମ୍ପା ପ୍ରଦର୍ଶନ କରିବା;

୮ । ବୈଜ୍ଞାନିକ ମନୋଭାବ, ମାନବବାଦ ଏବଂ ଅନୁସନ୍ଧିତ୍ସା ଓ ସଂସ୍କାର ମନୋଭାବ ପୋଷଣ କରିବା;

୯ । ସର୍ବସାଧାରଣ ସମ୍ପତ୍ତିର ସୁରକ୍ଷା କରିବା ଓ ହିଂସା ପରିତ୍ୟାଗ କରିବା;

୧୦ । ବ୍ୟକ୍ତିଗତ ଓ ସମଷ୍ଟିଗତ କାର୍ଯ୍ୟାବଳୀର ପ୍ରତ୍ୟେକ କ୍ଷେତ୍ରରେ ଉତ୍କର୍ଷ ସାଧନ କରିବା, ଯାହାଦ୍ୱାରା ଆମ ଦେଶ ପ୍ରଚେଷ୍ଟା ଓ କୃତିତ୍ୱର ଉଚ୍ଚତର ସୋପାନକୁ ଅବିରତ ଉନ୍ନତି କରିପାରିବ;

୧୧ । ମାତା ବା ପିତା ଅଭିଭାବକ, ତାଙ୍କର ଛଅ ବର୍ଷରୁ ଚଉଦ ବର୍ଷ ବୟସ ମଧ୍ୟରେ ଥିବା ସନ୍ତାନ ବା ପାଳିତଙ୍କୁ ଶିକ୍ଷାଲାଭର ସୁଯୋଗ ଯୋଗାଇଦେବା ।